ପ୍ରେସ୍ ନୋଟ୍

# ଅନୁଗୋଳରେ ୩୭ତମ ଜାତୀୟ ଚକ୍ଷୁଦାନ ପକ୍ଷ ପାଳିତ ।

ଅନୁଗୋଳ,ତା.୨୬.୮:- ଚକ୍ଷୁ ଦାନ ମହତ ଦାନ । ଏ ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ଗତକାଲି ପୂର୍ବାହ୍ନରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ୩୭ ତମ ଜାତୀୟ ଚକ୍ଷୁ ଦାନ ପକ୍ଷ ପାଳିତ ହୋଇଯାଇଛି। ଅଗଷ୍ଟ ମାସ ୨୫ ତାରିଖରୁ ସେପ୍ଟେମ୍ବର ମାସ ୧ ତାରିଖ ପର୍ଯ୍ୟନ୍ତ ଏହି ଚକ୍ଷୁ ଦାନ ପକ୍ଷ ପାଳିତ ହେଉଛି । ଏହି ଉପଲକ୍ଷେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଦିଲ୍ଲିପ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରି ଚକ୍ଷୁଦାନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଚକ୍ଷୁ ଦାନ କରିବାକୁ ଚାହୁଁଥିବା ବ୍ୟକ୍ତି ଜୀବନକାଳ ମଧ୍ୟରେ ଯେ କୌଣସି ସମୟରେ ସ୍ୱଇଚ୍ଛାରେ ଚକ୍ଷୁଦାନ ପାଇଁ ସମ୍ମତି ଦେଇପାରିବେ, ଚକ୍ଷୁଦାନ ସମ୍ମତି ପତ୍ରରେ ସ୍ୱାକ୍ଷର ନ ଥିଲେ ମଧ୍ୟ ନିକଟ ସମ୍ପର୍କୀୟଙ୍କ ସମ୍ମତି କ୍ରମେ ଚକ୍ଷୁଦାନ କରାଯାଇପାରିବ ବୋଲି ସେ ପ୍ରକାଶ କରିଥିଲେ । ସାଧାରଣତଃ ମୃତ୍ୟୁର ୬ ଘଣ୍ଟା ମଧ୍ୟରେ ଚକ୍ଷୁର ସ୍ୱଚ୍ଛ ପଟଳ(କର୍ଣ୍ଣିଆ) ସଂଗ୍ରହ କରାଯାଇଥାଏ । ଚକ୍ଷୁଦାନ ଦ୍ୱାରା ମୁଖ ବିକୃତ ହୋଇନଥାଏ । ଜଣେ ବ୍ୟକ୍ତିର ଚକ୍ଷୁଦାନ ଦୁଇ ଜଣଙ୍କୁ ଅନ୍ଧତ୍ୱ ଦୂର କରିବାରେ ସହାୟକ ହୋଇଥାଏ । କୌଣସି ପରିସ୍ଥିତିରେ ମଧ୍ୟ ଚକ୍ଷୁର କିଣା ବିକା ହୋଇନଥାଏ ବୋଲି ଡା. ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ସୂଚାଇଥିଲେ । ଏହି ପକ୍ଷ ପାଳନ ଅବସରରେ ଏକ ରାଲି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ବାହାରି ବଜାର ପରିକ୍ରମା କରିଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ପୂର୍ଣ୍ଣିମା ଉଦ୍‌ଗାତା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡା.ନୀଳମାଧବ ପ୍ରଧାନ,ଡା.ଦେବସ୍ମିତା ଜେନାଙ୍କ ସମେତ ଆଶା କର୍ମୀ,ପାରାମେଡିକାଲ ଷ୍ଟାଫ୍ ଓ ନର୍ସିଂ ଷ୍ଟାଫ୍ ମାନେ ଯୋଗ ଦେଇଥିଲେ ।

